**PURI USER Meet Published in Dharitri (Odiya daily) -20.02.2015**

**Jointly organized by ESSO-INCOIS & MSSRF**

ଧରିତ୍ରୀ | ଶୁକ୍ରବାର ୨୦ ଫେବୃୟାରୀ ୨୦୧୫ | ଭୁବନେଶ୍ୱର | ମେଟ୍ରୋ | ୧୩

# ସାମୁଦ୍ରିକ ମତ୍ସ୍ୟଜୀବୀ ସଚେତନତା କର୍ମଶାଳା

ପୁରୀ ଅଫିସ: ଜାତୀୟ ସାମୁଦ୍ରିକ ସୂଚନା ସେବା କେନ୍ଦ୍ର ହାଇଦ୍ରାବାଦ ଏବଂ ଏମ୍.ଏସ୍. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ଚେନ୍ନାଇ ଆନୁକୂଲ୍ୟରେ ସ୍ଥାନୀୟ ପେଣ୍ଠକଟା କମ୍ୟୁନିଟି ହଲ୍‌ଠାରେ ଏକ ସାମୁଦ୍ରିକ ମତ୍ସ୍ୟଜୀବୀ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ମତ୍ସ୍ୟଜୀବୀମାନେ କିପରି ମୋବାଇଲ ମେସେଜ ଜରିଆରେ ମାଛ ମିଳୁଥିବା ସ୍ଥାନ, ପାଣିପାଗ, ସାମୁଦ୍ରିକ ସୂଚନା, ଭାରତର ଜଳସୀମା ଓ ପ୍ରାକୃତିକ ଦୁର୍ବିପାକ ସଂକ୍ରାନ୍ତରେ ଜାଣିପାରିବେ ସେ ନେଇ ସୂଚନା ଦିଆଯାଇଥିଲା। କର୍ମଶାଳାରେ ଜାତୀୟ ସାମୁଦ୍ରିକ ସୂଚନା ସେବା କେନ୍ଦ୍ରର ବିଶେଷଜ୍ଞ ସୌରଭ ମାଇତି, କେନ୍ଦ୍ରୀୟ ସାମୁଦ୍ରିକ ମତ୍ସ୍ୟ ଗବେଷଣା ପ୍ରତିଷ୍ଠାନ ପୁରୀ ଶାଖାର ବୈଜ୍ଞାନିକ ଡ. ରୀତା ଜୟଶଙ୍କର, ନେଟ୍‌ଫିସ୍‌ର ଓଡିଶା ସଂଯୋଜକ ଶୁଭକାନ୍ତ ମହାପାତ୍ର, ଅତିରିକ୍ତ ମତ୍ସ୍ୟ ଅଧିକାରୀ (ସାମୁଦ୍ରିକ) ଦେବେନ୍ଦ୍ର କୁମାର ବେହେରା, ଏମ୍.ଏସ୍. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶିକା ନାନ୍‌ସୀ ଜେ. ଆନାବେଲ, ସଂଯୋଜିକା ଭେଲ ଭିଜି ଯୋଗ ଦେଇଥିଲେ। ଏଥିରେ ପୁରୀ, ଚନ୍ଦ୍ରଭାଗା ଏବଂ କୋଣାର୍କ ଅଞ୍ଚଳର ମତ୍ସ୍ୟଜୀବୀମାନେ ଯୋଗଦେଇଥିଲେ। ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନର ମିହିର କୁମାର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଏମ୍. ଏସ୍. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ଏବଂ ଜାତୀୟ ସାମୁଦ୍ରିକ ସୂଚନା ସେବା କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ରିମୋଟ ସେନ୍‌ସିଂ ଏବଂ ଜିଓଗ୍ରାଫିକ ଇନ୍‌ଫରମେଶନ ସିଷ୍ଟମ (ଜିଆଇଏସ୍) ମାଧ୍ୟମରେ ମତ୍ସ୍ୟଜୀବୀମାନଙ୍କ ମୋବାଇଲକୁ ମେସେଜ ପଠାଯାଉଛି। ପୁରୀ ଜିଲାର ୧୦ହଜାର ମତ୍ସ୍ୟଜୀବୀଙ୍କୁ ସିମ୍‌କାର୍ଡ ପ୍ରଦାନ କରି ମେସେଜ ପଠାଇବାର ଲକ୍ଷ୍ୟ ରହିଛି। ବର୍ତ୍ତମାନ ସୁଦ୍ଧା ୭ହଜାର ମତ୍ସ୍ୟଜୀବୀଙ୍କୁ ସିମ୍‌କାର୍ଡ ଦିଆଯାଇ ମେସେଜ ପଠାଯାଉଥିବା କର୍ମଶାଳାରେ ଆଲୋଚନା ହୋଇଥିଲା।